# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 February – 2026

**************************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ କିଶୋରୀମାନଙ୍କ ପାଇଁ ଆସନ୍ତାକାଲି ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ସମ୍ବଲପୁରରେ କ୍ଷେତ୍ର ପରିଦର୍ଶନ ପରେ ସ୍ଥିତି ସମୀକ୍ଷା କଲେ ମହାନଦୀ ଜଳବିବାଦ ପ୍ରାଧିକରଣ ସଦସ୍ୟ
- ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶା ମାଓବାଦୀ ମୁକ୍ତ ହେବ; କହିଲେ ପୁଲିସ୍ ମହାନିର୍ଦ୍ଦେଶକ

— ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ମାଓବାଦୀଙ୍କୁ ଦେଲେ ଆହ୍ୱାନ

ଏବଂ

- ସୁବର୍ଣ୍ଣପୁରରେ ପ୍ରତିଷ୍ଠା ହେବ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ

— ବଲାଙ୍ଗିରରେ ସ୍ଥାପନ ହେବ କୃଷି ମହାବିଦ୍ୟାଳୟ

## ଜରାୟୁ କର୍କଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନରୁ ଦେଶବ୍ୟାପୀ କିଶୋରୀମାନଙ୍କ ପାଇଁ ଜରାୟୁ କର୍କଟ ରୋଗ ପାଇଁ ଦିଆଯାଉଥିବା ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିରେ ୧୪ ବର୍ଷ ପର୍ଯ୍ୟନ୍ତ ବାଳିକାଙ୍କୁ ଗୋଟିଏ ଡୋଜ୍ ଏବଂ ୧୪ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩ଟି ଡୋଜ୍ ଟିକା ପ୍ରଦାନ କରାଯିବ। ପ୍ରଥମ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଟିକାକରଣ ହେବ। ଏହା ପରେ ୪୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ମହିଳାଙ୍କୁ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ୨୦୨୬-୨୭ ଆର୍ଥିକବର୍ଷରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଆରମ୍ଭ ହେବ। ଅଭିଯାନରେ ସମସ୍ତ ପ୍ରକାର କର୍କଟ ରୋଗ ପ୍ରତିହତ ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ଅଭିଯାନ ନିମନ୍ତେ ୩୧୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

**- V/O –**

## ମହାନଦୀ ଜଳବିବାଦ ସଦସ୍ୟ

ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳବିବାଦ ପ୍ରସଂଗରେ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଆସିଥିବା ମହାନଦୀ ଜଳବିବାଦ ପ୍ରାଧିକରଣର ୧୦ ଜଣିଆ ସଦସ୍ୟ

ଆଜି ସମ୍ବଲପୁର ସ୍ଥିତ ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ପରିଦର୍ଶନ କରିଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ, ଜଷ୍ଟିସ୍ ରବି ରଞ୍ଜନଙ୍କ ସମେତ ଅନ୍ୟ ସଦସ୍ୟମାନେ ଆଜି ସକାଳେ ହୀରାକୁଦର ଅଶୋକ ନିବାସରେ ଏକ ବୈଠକ କରିଥିଲେ। ଏଥିରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାପାଳ, ଓଡ଼ିଶା-ଛତିଶଗଡ଼ର ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ବ୍ୟାରେଜ୍ ଯୋଗୁଁ ଜଳପ୍ରବାହର ପରିମାଣ ହ୍ରାସ ଏବଂ ଏହାଦ୍ୱାରା ରାଜ୍ୟବାସୀ ପ୍ରଭାବିତ ହେଉଥିବା ସମ୍ପର୍କରେ ଅଧିକାରୀମାନେ ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ୟାର ସମାଧାନ କରାଯିବ ବୋଲି ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି। ଆଜି ଟ୍ରିବ୍ୟୁନାଲର ସଦସ୍ୟମାନେ ହୀରାକୁଦ ବନ୍ଧର ବାମପାର୍ଶ୍ୱ ସ୍ପିଲ୍‌ୱେଲ, ବୁର୍ଲା ପାଓ୍ୱାରହାଉସ୍ ଓ ଜବାହର ଉଦ୍ୟାନ ଆଦି ବୁଲି ଦେଖିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଆସନ୍ତାକାଲି ଟ୍ରିବୁନାଲର ସଦସ୍ୟମାନେ ସମଲେଶ୍ୱରୀ ମନ୍ଦିର ଦର୍ଶନ କରିବା ପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ସଂଗଠନକୁ ସୁଦୃଢ଼ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡିଛି।

## ସମୀକ୍ଷା

**ପୁରୀ** ଜିଲ୍ଲା ନିମାପଡା ତହସିଲ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଗାମୀ ଦିନରେ ଅଧିକାରୀମାନେ ଚାପମୁକ୍ତ ହୋଇ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମଋତୁରେ ଜଳସମସ୍ୟା ଉତ୍କଟ ହେବାର ଆଶଙ୍କା ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ନଳକୂପଗୁଡ଼ିକୁ ମରାମତି କରିବା ସହିତ ଆବଶ୍ୟକ ସ୍ଥାନରେ ନୂତନ ନଳକୂପ ବସାଇବା ପାଇଁ କହିଛନ୍ତି। ୪୫୦ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ସେବା, ପିଇବା ପାଣି ସୁବିଧା ଏବଂ ପ୍ରତ୍ୟେକ କେନ୍ଦ୍ରରେ ପାଚେରୀ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଆଉ ଦୁଇଟି ଗୋଦାବରୀଶ ମିଶ୍ର ସ୍କୁଲ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ବିକାଶ ମନ୍ଥନ

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଦୁଇଦିନିଆ 'ବିକାଶ ମନ୍ଥନ-୧.୦' ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ କହିଛନ୍ତି, ଆସନ୍ତା ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଆର୍ଥିକ, ସମାବେଶୀ, ପରିବେଶ ଅନୁକୂଳ ଏବଂ ନବସୃଜନ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚିବ। ୨୦୨୫-୨୬ ଆର୍ଥିକବର୍ଷରେ ରାଜ୍ୟର ଜିଡିପି ୯ ଦଶମିକ ୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ରାଜ୍ୟର ମୁଣ୍ଡପିଛା ଆୟ ୨୦୧୫-୧୬ ମସିହାରେ ୬୪ ହଜାର ୮୩୫ ଟଙ୍କା ଥିବାବେଳେ ଚଳିତ ଆର୍ଥିକବର୍ଷରେ ୧ ଲକ୍ଷ ୮୬ ହଜାର ୭୬୧ ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା

ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିଛି ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

## କର୍ମଶାଳା

ଭୁବନେଶ୍ୱରଠାରେ ଦୁଇଦିନିଆ ୟୁ-ଡାଇସ୍ ପ୍ଲସ୍ ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ, ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ ଧୀରଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ଭରଯୋଗ୍ୟ ଓ ସମୟୋପଯୋଗୀ ଶିକ୍ଷାଗତ ତଥ୍ୟର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ୟୁ-ଡାଇସ୍ ପ୍ଲସ୍ ଭଳି ଏକ ତଥ୍ୟ ପ୍ରଣାଳୀ ସମସ୍ତ ସ୍ତରରେ ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ସାହୁ କହିଛନ୍ତି।

## ମାଓବାଦୀ

ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶା ମାଓବାଦୀମୁକ୍ତ ହେବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ କହିଛନ୍ତି। ଶ୍ରୀ ଖୁରାନିଆ ମାଓବାଦୀମାନଙ୍କୁ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। କନ୍ଧମାଳ ଦାରିଙ୍ଗ୍‌ୱାଡ଼ିରେ ବର୍ତ୍ତମାନ ଜୋରଦାର କୁମ୍ବିଂ ଅପରେସନ୍ ଜାରି ରହିଛି। ଗତ ୨ ବର୍ଷ ମଧ୍ୟରେ ମାଓ ସଂଗଠନ ସହ ଜଡିତ ୫୯୧ ଜଣ ମାଓବାଦୀ ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କଲେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ପୁରସ୍କାର ଏବଂ ପୁନର୍ବାସର ସୁବିଧା ପ୍ରଦାନ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

**- V/O –**

## ମହାବିଦ୍ୟାଳୟ ଖୋଲିବ

ରାଜ୍ୟରେ ଆଉ ତିନୋଟି ନୂତନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ସୁବର୍ଣ୍ଣପୁରରେ, ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଏବଂ ଚିପିଲିମାରେ ପ୍ରାଣୀସମ୍ପଦ କଲେଜ୍ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଅଗ୍ନିବୀର

**ଗଞ୍ଜାମ** ଜିଲ୍ଲା ଗୋପାଳପୁର ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଏପ୍ରିଲ ମାସ ଏକ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ସେନାର ଅଧିକାରୀଙ୍କ ୱେବ୍‌ସାଇଟ୍ www.joinindianarmy.nic.in ମାଧ୍ୟମରେ ଆବେଦନକାରୀ ୨୫୦ ଟଙ୍କା ଶୁଳ୍କ ଦେଇ ଆବେଦନ କରିପାରିବେ।

## ଜନଗଣନା

ଆଗାମୀ ୨୦୨୭ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। **ଭଦ୍ରକ** ପଂଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଆସନ୍ତା ଜନଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଜିଲ୍ଲାର ସମସ୍ତ କର୍ମଚାରୀ ତଥା ପ୍ରଶିକ୍ଷାର୍ଥୀମାନଙ୍କୁ ନିଜର ଭୂମିକା, ପ୍ରଶାସନିକ ପ୍ରସ୍ତୁତିକୁ

ସୁଦୃଢ଼ କରି ଘର ତାଲିକା, ଗୃହଗଣନା, ଜନଗଣନା ଆଦି କାର୍ଯ୍ୟ ପ୍ରଣାଳୀ ଏବଂ ଡିଜିଟାଲ ତଥ୍ୟ ପରିଚାଳନା ଲକ୍ଷ୍ୟ ହାସଲ ଉପରେ ପରାମର୍ଶ ଦେଇଥିଲେ। **ଦେବଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଜନଗଣନା ଓ ଗୃହଗଣନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। **ଢ଼େଙ୍କାନାଳ** ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଜନଗଣନା ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ।

## ଯୁବସଂସଦ ପ୍ରତିଯୋଗିତା

**କଳାହାଣ୍ଡି** ଜିଲ୍ଲାର ଭବାନୀପାଟଣାସ୍ଥିତ ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବିଭାଗ ଏବଂ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୧୪ ଜଣ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରିଥିବାବେଳେ ୯୧ ଜଣ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ଲାଗି ଚୟନ କରାଯାଇଛି।

## ବର୍ଜ୍ୟ ପରିଚାଳନା

**କେନ୍ଦୁଝର** ଠାରେ ଗ୍ରାମପଞ୍ଚାୟତ ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଜିଲ୍ଲା ସଂଚାଳନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାରୋଟି ବ୍ଲକ୍‌ର ମୋଟ୍ ୮୪ଟି ଗ୍ରାମପଞ୍ଚାୟତରୁ ଶୁଖିଲା ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ୨୨ଟି ପର୍ଯ୍ୟଟନସ୍ଥଳି

ଏହାର ଆଖପାଖ ରାସ୍ତା ଏବଂ ପ୍ରଭାବିତ ଗ୍ରାମ ଅଞ୍ଚଳରେ ପ୍ରତ୍ୟେହ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରାଯାଇ ନିୟମିତ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ** ରେଳଷ୍ଟେସନଠାରେ ଶିଶୁ ଚାଲାଣ ନିରୋଧ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଟ୍ରେନ୍‌ଯାତ୍ରୀମାନଙ୍କୁ ଶିଶୁ ଚାଲାଣ ସମ୍ବନ୍ଧରେ ସଚେତନ କରାଯିବା ସହିତ ଚାଲାଣ ସମ୍ବନ୍ଧୀୟ ଖବର ପାଇଲେ ତୁରନ୍ତ ୧୦୯୮ ସହାୟତା ନମ୍ବରରେ ଅବଗତ କରାଇବା ନିମନ୍ତେ ରେଳ ବିଭାଗ ପକ୍ଷରୁ କୁହାଯାଇଛି ।

## ହରିହର ଦାସ ଜୟନ୍ତୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ହରିହର ପାର୍କରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତି ଆଜି ଲୋକାର୍ପିତ ହୋଇଛି । ତାଙ୍କ ଜୟନ୍ତୀ ପାଳନ ଅବସରରେ ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ ବୋଲି ମତ ପ୍ରକାଶ କରିଥିଲେ ।

## ଯୋଗ ଶିବିର

**ସୁବର୍ଣ୍ଣପୁର** ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୦୦ରୁ ଅଧିକ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।